ପାଠ - ୧୮

# ତଥ୍ୟ ଜାଣିବା

ତୁମେ କେବେ ନନ୍ଦନକାନନ ଯାଇଛ କି ?

ସେଠାରେ କେତେ ପ୍ରକାର ବାଘ ଦେଖିଲ ? କେଉଁ ପ୍ରକାର ବାଘଙ୍କ ସଂଖ୍ୟା ଅଧିକ ?

ତଳ ଚିତ୍ରରେ ଦିଆଯାଇଥିବା ବାଘମାନଙ୍କ ସଂଖ୍ୟାକୁ ସାରଣୀରେ ଲେଖାଯାଇଛି ।





ସାରଣୀ




| ବାଘର ପ୍ରକାର | ସଂଖ୍ୟା |
|---|---|
| ଧଳାବାଘ | ୩ |
| ମହାବଳ ବାଘ | ୫ |
| ଚିତା ବାଘ | ୨ |
| କଲରାପତରିଆ ବାଘ | ୧ |








- ସାରଣୀକୁ ଦେଖି ଲେଖ ।

(କ) __________ ବାଘଙ୍କ ସଂଖ୍ୟା ଅଧିକ ।

(ଖ) __________ ବାଘଙ୍କ ସଂଖ୍ୟା ସବୁଠାରୁ କମ୍ ।

(ଗ) __________ ଓ __________ ବାଘଙ୍କ ସଂଖ୍ୟାର ସମଷ୍ଟି ମହାବଳ ବାଘଙ୍କ ସଂଖ୍ୟା ସହିତ ସମାନ ।

୨.



ଦିଆଯାଇଥିବା ଚିତ୍ରକୁ ଦେଖି ଏକ ସାରଣୀ ପ୍ରସ୍ତୁତ କରାଯାଇଛି ।



| ଫୁଲର ନାମ | ଫୁଲ ସଂଖ୍ୟା |
|---|---|
| ସଦାବିହାରୀ | ୪ |
| ମନ୍ଦାର | ୫ |
| ଗୋଲାପ | ୩ |
| ଅପରାଜିତା | ୨ |


**ସାରଣୀ ଦେଖି ଉତ୍ତର ଦିଅ ।**

(କ) ____________ ଫୁଲର ସଂଖ୍ୟା ସବୁଠାରୁ ଅଧିକ ।

(ଖ) ____________ ଫୁଲର ସଂଖ୍ୟା ସବୁଠାରୁ କମ୍ ।

(ଗ) ____________ ଓ ____________ ଫୁଲ ମିଶି ____________ ଫୁଲର ସଂଖ୍ୟା ସହିତ ସମାନ ।

୩. **'ଲୁଡୁଖେଳ'**



ତୁମେ କେବେ ଲୁଡୁ ଖେଳିଛ କି ? ଲୁଡୁ ଗୋଟିର କେତୋଟି ପାଖ ଅଛି ?



- ଲୁଡୁ ଗୋଟିରେ ପ୍ରତ୍ୟେକ ପାଖରେ ଥିବା ବିନ୍ଦୁମାନଙ୍କର ସଂଖ୍ୟା କେତେ ?

ସୁନୁ ତା'ର ଲୁଡୁ ଗୋଟି  ୨୦ଥର ଗଡ଼ାଇଲା ।

 ଚିହ୍ନ ଥିବା ପାଖ  ୨ଥର  ପଡ଼ିଲା ।

 ଚିହ୍ନ ଥିବା ପାଖ  ୩ଥର ପଡ଼ିଲା ।

ସେହିପରି ଅନ୍ୟ ପାଖଗୁଡ଼ିକ କେତେଥର ଲେଖାଏଁ ପାଇଲା ତାହା ତଳ ସାରଣୀରେ ସେତିକି ଗାର (।)ରେ ଲେଖାଯାଇଛି । ଏହାକୁ **'ଟାଲି ଚିହ୍ନ'** କହନ୍ତି ।

| ଲୁଡୁଗୋଟିର ପାଖ | ଟାଲିଚିହ୍ନ | ମୋଟଥର |
|---|---|---|
|  | \| \| | ୨ |
|  | \| \| \| | ୩ |
|  | \| \| \| \| \| | ୫ |
|  | \| \| \| | ୩ |
|  | \| \| \| | ୩ |
|  | \| \| \| \| | ୪ |
| | ମୋଟ୍ | ୨୦ |

**ସାରଣୀ ଦେଖି ଖାଲିଘର ପୂରଣ କର ।**

ସୁନୁ  (କ)  ________ ପାଖଟି ଅଧିକ ଥର ପାଇଲା ।

(ଖ)  ________ ପାଖଟି ସବୁଠାରୁ କମ୍ ଥର ପାଇଲା ।

(ଗ)  ________ ଓ ________ ପାଖଟି ସମାନ ଥର ପାଇଲା ।


ସୁନୁର ଲୁଡୁ ଖେଳ ଦେଖିଲ, ସେହିଖେଳରୁ ମଧ୍ୟ ବହୁତ ତଥ୍ୟ ପାଇଲ ।

- ଏବେ ତୁମେ ଲୁଡୁଗୋଟି ୨୦ ଥର ଗଡ଼ାଅ ।
- ସୁନୁ ପାଇଁ ଯେପରି ସାରଣୀ ତିଆରି ହୋଇଛି, ସେହିପରି ଏକ ସାରଣୀ ତିଆରି କର ।
- ପ୍ରତ୍ୟେକ ଥର କେଉଁ ପାଖ ପଡ଼ିଲା ତାକୁ ଟାଲିଚିହ୍ନ (।) ଦେଇ ସାରଣୀରେ ଲେଖ ।

ଏହିପରି ୨୦ଥର ଗଡ଼ାଇଲା ପରେ ସାରଣୀରେ କେତେଥର କେଉଁ ପାଖ ପଡ଼ିଛି ଟାଲିଚିହ୍ନ ଗଣି ସାରଣୀରେ ''ମୋଟଥର'' ଘର ପୂରଣ କର ।

## ଅଭ୍ୟାସ

୧.



ଦିଆଯାଇଥିବା ଚିତ୍ରକୁ ଦେଖି ସାରଣୀରେ ଟାଲିଚିହ୍ନ (।) ଦିଅ ।



**ସାରଣୀ**

| ପତ୍ରର ନାମ | ଟାଲିଚିହ୍ନ | ମୋଟ |
|---|---|---|
| ଆମ୍ବ | | |
| ପଣସ | | |
| ପଦ୍ମ | | |
| ଓସ୍ତ | | |

**ଶୂନ୍ୟସ୍ଥାନ ପୂରଣ କର :-**

(କ) __________ ପତ୍ରର ସଂଖ୍ୟା ସବୁଠାରୁ ବେଶୀ ଓ __________ ପତ୍ରର ସଂଖ୍ୟା ସବୁଠାରୁ କମ୍ ।

(ଖ) ପଦ୍ମପତ୍ର ଓ ପଣସ ପତ୍ର ସଂଖ୍ୟାର ସମଷ୍ଟି __________ ।

(ଗ) ପଣସ ପତ୍ରରୁ ଓସ୍ତ ପତ୍ରର ସଂଖ୍ୟା __________ ଅଧିକ ।

୨. [୧] [୨] [୩] [୪] ଲେଖାଥିବା ସମୁଦାୟ ୧୫ଟି ସଂଖ୍ୟାକାର୍ଡ୍‌କୁ ନେଇ ତଳେ ଦିଆଯାଇଥିବା ସାରଣୀଟି ପ୍ରସ୍ତୁତ କର।

(ଶିକ୍ଷକ ପ୍ରତ୍ୟେକ ଛାତ୍ରକୁ ୧୫ଟି ସଂଖ୍ୟାକାର୍ଡ୍ ଦେବେ ଓ ପ୍ରତ୍ୟେକ ଛାତ୍ର ଗୋଟିଏ ଗୋଟିଏ ସାରଣୀ ପ୍ରସ୍ତୁତ କରିବେ।)

| ଚିହ୍ନିତ ସଂଖ୍ୟା କାର୍ଡ | ଟାଲିଚିହ୍ନ (।) | ମୋଟ |
|---|---|---|
| ୧ | | |
| ୨ | | |
| ୩ | | |
| ୪ | | |

ସାରଣୀ ପ୍ରସ୍ତୁତ କରି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ।

(କ) [୧] ଚିହ୍ନିତ କାର୍ଡ୍ ଓ [୨] ଚିହ୍ନିତ କାର୍ଡ୍‌ର ମୋଟ ସଂଖ୍ୟା କେତେ ହେବ ?

(ଖ) କେଉଁ ଚିହ୍ନିତ କାର୍ଡ୍‌ର ସଂଖ୍ୟା ସବୁଠାରୁ ଅଧିକ ?

(ଗ) କେଉଁ ଚିହ୍ନିତ କାର୍ଡ୍‌ର ସଂଖ୍ୟା ସବୁଠାରୁ କମ୍ ?

୩. ୩୦ ଜଣ ପିଲାଙ୍କର ଜୋତାର ମାପ ସାରଣୀରେ ଦିଆଯାଇଛି । ସାରଣୀକୁ ଦେଖି ଦିଆଯାଇଥିବା ପ୍ରଶ୍ନମାନଙ୍କର ଉତ୍ତର ଦିଅ ।

| ଜୋତା ନମ୍ବର | ପିଲାଙ୍କ ସଂଖ୍ୟା | ମୋଟ |
|---|---|---|
| ୩ | ।।।।।। | |
| ୪ | ।।।। | |
| ୫ | ।।।।।।।।।। | |
| ୬ | ।।।।।।। | |
| ୭ | ।।। | |
| ମୋଟ୍ | | |

(କ) କେତେ ଜଣ ପିଲା ୩ ନମ୍ବର ଜୋତା ବ୍ୟବହାର କରୁଛନ୍ତି ?

(ଖ) ୪ ନମ୍ବର ଜୋତା ବ୍ୟବହାର କରୁଥିବା ପିଲାଙ୍କ ସଂଖ୍ୟା କେତେ ?

(ଗ) ୭ ନମ୍ବର ଜୋତା ବ୍ୟବହାର କରୁଥିବା ପିଲାଙ୍କ ସଂଖ୍ୟା କେତେ ?


(ଘ) ୫ ନମ୍ବର ଜୋତା ବ୍ୟବହାର କରୁଥିବା ପିଲାଙ୍କ ସଂଖ୍ୟା କେତେ ?

(ଙ) ସବୁଠାରୁ ବେଶୀ ସଂଖ୍ୟକ ପିଲା କେତେ ନମ୍ବର ଜୋତା ବ୍ୟବହାର କରନ୍ତି ?

(ଚ) ସାରଣୀରୁ ତୁମେ କେତୋଟି ପ୍ରଶ୍ନ ତିଆରି କର ଓ ତୁମ ସାଙ୍ଗକୁ ପଚାର ।

## ନମୁନା ତିଆରି କରିବା :

- ଦୈନନ୍ଦିନ ଜୀବନରେ ଆମେ ଏଗୁଡ଼ିକୁ ଦେଖୁଛେ ।




ଏହାର ପରବର୍ତ୍ତୀ ଦୁଇଟି ଚିତ୍ର କ'ଣ ହେବ କହ ।



- କପ୍ ସଜାକୁ ଲକ୍ଷ୍ୟ କରି ଏହାର ପରବର୍ତ୍ତୀ ତିନୋଟି ଚିତ୍ର ଅଙ୍କନ କର ।




- ରଙ୍ଗ ଦିଅ ।




ତୁମ ପରିବେଶରେ ବିଭିନ୍ନ ଜିନିଷରେ ଥିବା ଏହିଭଳି ନମୁନାକୁ ଲକ୍ଷ୍ୟ କରି ଚିତ୍ର ଅଙ୍କନ କର ।

# ଆସ ଜାଣିବା


- ଗୋଟିଏ ଚେସ୍ ବୋର୍ଡ (୮ x ୮) ନିଅ ।




ଯେପରି –



(୧x୧)



(୨x୨)




(୩ x ୩)

........ ଆଦି ଗୋଟିଏ ଗୋଟିଏ ବର୍ଗଚିତ୍ର ସେହିପରି ଚେସ୍ ବୋର୍ଡରେ ସମୁଦାୟ କେତୋଟି ବର୍ଗଚିତ୍ର ସମ୍ଭବ ନିର୍ଣ୍ଣୟ କର ।

## ଆସ ଗଣିବା

- ତ୍ରିଭୁଜଟିରେ ସମୁଦାୟ କେତୋଟି ତ୍ରିଭୁଜ ଅଛି ଗଣି ଲେଖ । ଦେଖ କିଏ କେତେ ବେଶି ଗଣି ଲେଖିପାରୁଛି ।



# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ.....
ଚାରୁ ହାସମୟୀ ଚାରୁ ଭାଷମୟୀ
ଜନନୀ ଜନନୀ ଜନନୀ... । ୦ ।

ବନ୍ଦେ ଉତ୍କଳ ଜନନୀ
ପୂତ-ପୟୋଧି-ବିଧୌତ-ଶରୀରା
ତଳା-ତମାଳ-ସୁଶୋଭିତ-ତୀରା
ଶୁଭ୍ର ତଟିନୀ କୂଳ ଶୀକର ସମୀରା
ଜନନୀ ଜନନୀ ଜନନୀ । ୧ ।

ଘନ ଘନ ବନଭୂମି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ ଜନନୀ ଜନନୀ । ୨ ।

ସୁନ୍ଦର-ଶାଳି-ସୁଶୋଭିତ-କ୍ଷେତ୍ରା
ଜ୍ଞାନ-ବିଜ୍ଞାନ-ପ୍ରଦର୍ଶିତ-ନେତ୍ରା
ଯୋଗୀ ଋଷିଗଣ-ଉଟଜ-ପବିତ୍ରା
ଜନନୀ ଜନନୀ ଜନନୀ । ୩ ।